# ବାର୍ତ୍ତା

ସମାଜରେ ମହିଳାମାନଙ୍କର ସୁରକ୍ଷା ଓ ନିରାପତ୍ତା ଏକ ସୁସ୍ଥ ଓ ବିକାଶଶୀଳ ରାଷ୍ଟ୍ରର ପ୍ରତୀକ। ଆମ ଭାରତରେ ମହିଳାମାନଙ୍କର ସୁରକ୍ଷା ଓ ନିରାପତ୍ତା ପାଇଁ ବିଭିନ୍ନ ଆଇନ ବା ସୁବିଧା ଥିଲେ ମଧ୍ୟ ଏହି ସବୁ ଆଇନଗୁଡ଼ିକୁ ସଠିକ ଭାବରେ ବୁଝିବା ବା ଜାଣିବା ତଥା ଆବଶ୍ୟକ ସ୍ଥଳେ ଏହି ସବୁ ଆଇନର ସଠିକ୍ ଉପଯୋଗିତା ଆଶାନୁରୂପେ ହୋଇପାରି ନାହିଁ। ଏଣୁ ମହିଳାମାନଙ୍କ ପାଇଁ ହୋଇଥିବା ଆଇନଗୁଡ଼ିକୁ ସରଳ ଭାଷାରେ ଲୋକମାନଙ୍କ ପାଖରେ ପହଞ୍ଚାଇ ଦେବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ **"ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଆଇନ ସମୂହ: ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ ଓ ତାର ଉତ୍ତର"** ପୁସ୍ତିକାଟିକୁ ଲୋକାର୍ପଣ କରୁଛି।

ଏହି ପୁସ୍ତିକାରେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ପାଞ୍ଚଟି ମୁଖ୍ୟ ଆଇନ୍ (ଯଥା ଘରୋଇ ହିଂସାରୁ ମହିଳାମାନଙ୍କର ସୁରକ୍ଷା ଆଇନ, ୨୦୦୫, ବାଲ୍ୟ ବିବାହ ବିରୋଧି ଆଇନ, କର୍ମ କ୍ଷେତ୍ରରେ ମହିଳାମାନଙ୍କ ବିରୁଦ୍ଧରେ ଯୌନ ଶୋଷଣ ନିବାରଣ ନିରାକରଣ ଓ ସମାଧାନକ୍ସ ଆଇନ, ଓଡ଼ିଶା ଡାହାଣି ଚିହ୍ନଟ ଆଇନ, ୨୦୧୩ ଓ ସାଇବର ଅପରାଧ)ବିଷୟରେ ସାଧାରଣ ଭାବେ ମନକୁ ଆସୁଥିବା ଓ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନଗୁଡ଼ିକୁ ଉତ୍ତର ମାଧ୍ୟମରେ ଆଲୋଚନା କରାଯାଇଛି।

ଆଶା କରୁଛି ଏହା ସମସ୍ତ ରାଜ୍ୟବାସୀ ବିଶେଷ କରି ରାଜ୍ୟର ସମସ୍ତ ମହିଳା ଓ ମହିଳାଙ୍କ ପାଇଁ କାମ କରୁଥିବା ସମସ୍ତ ଭାଗିଦାରୀମାନଙ୍କ ପାଇଁ ବିଶେଷ ଉପାଦେୟ ହୋଇପାରିବ ଏବଂ ମହିଳାମାନଙ୍କର ସଶକ୍ତୀକରଣ, ସୁରକ୍ଷା, ନିରାପତ୍ତା ପାଇଁ ଯୁଗୋପଯୋଗୀ ହୋଇପାରିବ।

ଲୋପାମୁଦ୍ରା ବକ୍ସିପାତ୍ର

**ଡଃ. ଲୋପାମୁଦ୍ରା ବକ୍ସିପାତ୍ର,**
**ଅଧ୍ୟକ୍ଷା,**
**ଓଡ଼ିଶା ରାଜ୍ୟ ମହିଳା ଆୟୋଗ**

# ସୂଚୀପତ୍ର


ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍, ୨୦୦୫ ........................................ ୦୧

କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ୍, ୨୦୧୩ ........................................ ୧୧

ଭାରତରେ ବାଲ୍ୟ ବିବାହ ........................................ ୨୭

ଓଡ଼ିଶା ଡାହାଣୀ ଚିହ୍ନଟ ନିବାରଣ ଆଇନ-୨୦୧୩ ........................................ ୩୯

ସାଇବର ଅପରାଧ କଣ ? ........................................ ୪୩